# ଯୀଶୁଙ୍କ ଧରାବତରଣ; ଗାଁରୁ ସହର ଉତ୍ସବମୁଖର



ଦାରିଙ୍ଗବାଡ଼ି,୨୫।୧୨(ସମିସ): ମଧ୍ୟରାତ୍ରୀରେ ଧରାବତରଣ କରିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟ। ଦାରିଙ୍ଗବାଡ଼ି କ୍ୟାଥିଲିକ ଚର୍ଚ୍ଚର ମୁଖ୍ୟ ଯାଜକ କରୁଣାକର ଦିଗାଲ ମଧ୍ୟରାତ୍ରୀ ଏବଂ ସକାଳ ଯଜ୍ଞରେ ପୌରୋହିତ୍ୟ କରିଥିବା ବେଳେ ଉପଯାଜକ ଅତୁଲ୍ ମଲ୍ଲିକ ସହଯୋଗ କରିଥିଲେ। ଏଥିସହିତ ପ୍ରଭୁ ଯୀଶୁଙ୍କ ଧରାବତରଣ ସମ୍ପର୍କରେ ଅମୃତବାଣୀ ପ୍ରଦାନ କରିଥିଲେ। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନରେ ଉତ୍ସବମୁଖର ହୋଇଛି ସହରରୁ ଗ୍ରାମ। ଏଥିପାଇଁ ଚଳଚଞ୍ଚଳ ହୋଇଛି ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ସମସ୍ତ ଛୋଟ ବଡ ଚର୍ଚ୍ଚ ଓ ଉପାସନା ଗୃହ। ଦାରିଙ୍ଗବାଡ଼ିରେ ଥିବା କ୍ୟାଥୋଲିକ ଚର୍ଚ୍ଚ, ବାପଟିଷ୍ଟ ଚର୍ଚ୍ଚ ସମେତ ଛୋଟରୁ ବଡ଼ ପ୍ରତ୍ୟେକ ଚର୍ଚ୍ଚ ଓ ପ୍ରାଥନା ଗୃହକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ପ୍ରତ୍ୟେକେ ନୂତନ ବସ୍ତ୍ର ପରିଧାନ କରି ଘରେ ଘରେ ପିଠା ପଣା କରି ଆନନ୍ଦ ଉଲ୍ଲାସର ସହ ଏହି ପର୍ବ ପାଳନ କରିଛନ୍ତି। ଏଥିସହ ଖ୍ରୀଷ୍ଟିୟ ଭାଇ ଭଉଣୀ ମାନେ ବଡ଼ଦିନ ଉପଲକ୍ଷେ ନିଜ ନିଜର ଘରକୁ ମଧ୍ୟ ସଜେଇବା ସହ ଆତ୍ମୀୟସଜନଙ୍କ ସହ ବଡ଼ଦିନ ବେଶ ଉତ୍ସାହରେ ପାଳନ କରିଥିଲେ। ଦାରିଙ୍ଗବାଡ଼ି ଥାନା ଅଧିକାରୀ ତଥା ଡ଼ିଏସପି କନକ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଅନ୍ୟ ପୁଲିସ ଅଧିକାରୀ ପ୍ରତ୍ୟେକ ଚର୍ଚ୍ଚକୁ ଯାଇ କିଭଳି ଖ୍ରୀଷ୍ଟିଆନ ଭାଇ ଭଉଣୀ ବଡ ଦିନ ଶାନ୍ତି ଶୃଙ୍ଖଳାର ସହ ଯେଭଳି ପାଳନ କରିପାରିବେ ସେଥନେଇ ତଦାରଖ କରିଥିଲେ। କାର୍ଯ୍ୟକ୍ରମ ଶେଷର ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ବଲିୟାରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## କାଶୀନଗର



ଗଜପତି ଜିଲ୍ଲା କାଶୀନଗରରେ ଥିବା ସେଣ୍ଟ ମେରୀ କାଥୋଲିକ ଚର୍ଚ୍ଚରେ ଯୀଶୁଙ୍କ ଜନ୍ମଦିନ ପାଳନ କରାଯାଇଛି। ବୁଧବାର ମଧ୍ୟରାତ୍ରରେ କୁନି ଯୀଶୁଙ୍କ ମୂର୍ତ୍ତିକୁ ଚୁମ୍ବନ ଦେଇ ସ୍ୱାଗତ କରାଯିବା ସହ ଚର୍ଚ୍ଚର ମୁଖ୍ୟ ତଥା ଫାଦର ଭେଲାନଟାଇନ ଉଠାନ ସିଂ କାଶୀନଗର ସହର, ଜିଲ୍ଲା ରାଜ୍ୟ ଓ ଦେଶ ପାଇଁ ଶାନ୍ତି ପ୍ରାର୍ଥନା କରିଥିଲେ। ମଧ୍ୟରାତ୍ରରେ ମହାଆଡମ୍ବର ଏବଂ ଆଧ୍ୟାତ୍ମିକ ପରିବେଶରେ ପ୍ରଭୁ ଯୀଶୁଙ୍କ ଜନ୍ମ ଜୟନ୍ତୀ ପାଳନ କରିଛନ୍ତି କାଶୀନଗର ଖ୍ରୀଷ୍ଟ ବିଶ୍ୱାସୀ। ସାମୁହିକ ପ୍ରାର୍ଥନା ଓ ସଙ୍ଗୀତରେ କମ୍ପି ଉଠିଥିଲା କାଶୀନଗର ରହିଥିବା ଚର୍ଚ୍ଚ। ଏହି ଅବସରରେ ଗୁରୁବାର କାଶୀନଗର ସହରର ଜନସାଧାରଣ ଚର୍ଚ୍ଚରେ ଯୋଗ ଦେଇ ବଡଦିନ ପାଳନ କରିଥିଲେ। ସେହିପରି କାଶୀନଗର ଅଲଡ଼ା ଗ୍ରାମରେ ମଧ ଫାଦର ଜଶଙ୍କ ଅଧ୍ୟକ୍ଷତାରେ ଓ ଧ୍ୟାନ କେନ୍ଦ୍ରରେ ଫାଦର ପାଲୁୟର, କାନାମ୍ପୁଝ ପ୍ରାଞ୍ଚିସଙ୍କ ଅଧ୍ୟକ୍ଷତାରେ ବଡଦିନ ବହୁ ଆଡ଼ମ୍ବରେ ପାଳନ କରାଯାଇଥିଲା। କାଶୀନଗର ଏନଏସି ଅଧକ୍ଷା ଏମ.ସୁଧାରାଣୀ ଓ ବିଭିନ୍ନ ୱାର୍ଡର କାଉନସିଲର ଚର୍ଚ୍ଚରେ ଉପସ୍ଥିତ ହେବା ସହ କାଶୀନଗର ସହରର ସମସ୍ତ ଖ୍ରୀଷ୍ଟ ପରିବାରଙ୍କୁ ଶାନ୍ତି ଶୁଭେଚ୍ଛା ଜଣାଇଥିଲେ। ସ୍ଥାନୀୟ ଥାନା ଅଧିକାରୀ ସୁନୀଲ ବେହେରାଙ୍କ ଅଧକ୍ଷତାରେ କାଶୀନଗର ବ୍ଲକରେ ରହିଥିବା ସମସ୍ତ ଚର୍ଚ୍ଚ ନିକଟରେ ପୁଲିସର ପାଟ୍ରୋଲିଂ କରାଯାଇଛି।

## ଜି.ଉଦୟଗିରି




କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ମହା ଆଡମ୍ବରରେ ବଡଦିନ ପାଳିତ ହୋଇଛି। ଜି.ଉଦୟଗିରି ସହର ସହିତ ଗ୍ରାମାଞ୍ଚଳରେ ଥିବା ଚର୍ଚ୍ଚାରେ ମଧ୍ୟରାତ୍ର ପ୍ରାର୍ଥନା ସହିତ ପ୍ରଭୁଯୀଶୁଙ୍କ ଧରବତରଣ କାର୍ଯ୍ୟକ୍ରମ ହୋଇଥିଲା। ଆଜି ଦିନ ତମାମ ସମସ୍ତ ଚର୍ଚ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରହିଥିଲା। ଜି.ଉଦୟଗିରି ନୂଆ ସାହି ଚର୍ଚ୍ଚ, କନବାଗିରି, ମାଲିକପଡ଼ି, ରୁଦାଙ୍ଗିଆ, କଳିଙ୍ଗା ଆଦି ଚର୍ଚ୍ଚରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା। ବଡ଼ଦିନ ପାଇଁ ବଜାରରେ ଗହଳି ଚହଳି ଲାଗି ରହିଥିବାବେଳେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ପୁଲିସ ପକ୍ଷରୁରୁ ଫ୍ଲାଗ ମାର୍ଚ୍ଚ କରାଯିବା ସହିତ ପ୍ରବେଶ ପଥଗୁଡ଼ିକରେ ନାକା କରାଯାଇ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା।

## ବ୍ରାହ୍ମଣୀଗାଁ

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସ୍ଥିତ ବ୍ରାହ୍ମଣୀଗାଁ ବଡଦିନ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ଏହି ଅଞ୍ଚଳରେ ୫୦ରୁ ଅଧିକ ଛୋଟ ବଡ଼ ଚର୍ଚ୍ଚ ରହିଛି। ଏହି ଅବସରରେ ଲୋକେ ଘର ସାଜ ସଜା, ନୂତନ ବସ୍ତ୍ର ଓ ଦ୍ରବ୍ୟ କ୍ରୟ, ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ସହ ପରିବାରର ବିଭିନ୍ନ ସଦସ୍ୟଙ୍କ ମିଳନ ହୋଇଥିଲା। ୨୪ ତାରିଖ ରାତିରେ ରାତ୍ରି ଉଜାଗର ପ୍ରାର୍ଥନା ସହିତ ପ୍ରଭୁ ଯୀଶୁଙ୍କର ମହାନ୍ ମୁକ୍ତିର କାର୍ଯ୍ୟ



ନିମନ୍ତେ ଧନ୍ୟବାଦ୍ ପ୍ରଶଂସା ଓ ପ୍ରାର୍ଥନା କରାଯାଇଥିଲା। ୨୫ ତାରିଖ ସକାଳେ ମଧ୍ୟ ଗିର୍ଜାରେ ସମବେତ ପ୍ରାର୍ଥନା ଭକ୍ତି ଓ ଆନନ୍ଦ ଉଲ୍ଲାସରେ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟ ଓ ମିଷ୍ଟାନ ବଣ୍ଟନ ତଥା ଗରିବଙ୍କୁ ଖାଦ୍ୟ ବସ୍ତ୍ର ବଣ୍ଟନ କରାଯାଇଥିଲା। ଶୃଙ୍ଖଳା ନିମନ୍ତେ ପୁଲିସ ମୁତୟନ ହୋଇଥିଲେ।

## ବାଲିଗୁଡ଼ା



ବାଲିଗୁଡା ସହର ସମେତ କୋଟଗଡ, ତୁମୁଡିବନ୍ଧ, କ.ନୂଆଗାଁ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହିତ ପବିତ୍ର ବଡଦିନ ପାଳିତ ହୋଇଛି। ବାଲିଗୁଡାରେ ବଡଦିନ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଛି। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନରେ ଶ୍ରଦ୍ଧାଳୁ ବିଭିନ୍ନ ଚର୍ଚ୍ଚ ଉପାସନା ଗୃହରେ ସମବେତ ହୋଇ ମଧ ରାତ୍ର ପ୍ରାର୍ଥନା କରି ଗୀତ ଗାନ ସହିତ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ବଡଦିନ ଉପଲକ୍ଷେ ଚର୍ଚ୍ଚକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଜନ୍ମଦିନ ଅବସରରେ ଶ୍ରଦ୍ଧାଳୁ ମାନେ ବିଭିନ୍ନ ଚର୍ଚ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସତର୍କତାମୂଳକ ପଦକ୍ଷେପ ଭାବେ ବାଲିଗୁଡା ପୁଲିସ ପକ୍ଷରୁ ବାଲିଗୁଡା ଓ ବାରଖମା ରେ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ବାଲିଗୁଡ଼ାର କମଳ ଶୁଭମ୍ ଭୋସଲେଙ୍କ ନେତତ୍ୱରେ ବାଲିଗୁଡା ଓ ବାରଖମାରେ ବଡଦିନକୁ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ବାଲିଗୁଡା ଥାନା ଅଧିକାରୀ ସମ୍ପିତ ସ୍ୱାଇଁଙ୍କ ସମେତ ପୁଲିସ ଅଧିକାରୀ, ଡିବିଏଫ, ସିଆରପି ଫୋର୍ସ ବାଲିଗୁଡା ସହର ଓ ବାରଖମାରେ ପୁଲିସ ଫୋର୍ସ ଫ୍ଲାଗ ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ।

## ପାରଳାଖେମୁଣ୍ଡି

ପାରଳାଖେମୁଣ୍ଡି ସହରର ବିଭିନ୍ନ ଚର୍ଚ୍ଚରେ ବଡ଼ଦିନ ପାଳିତ ହୋଇଛି। ଏହି ଅବସରରେ ସହରର ମେଡିକାଲ ରୋଡ୍‌ରେ ଥିବା କ୍ୟାଥଲିକ ଚର୍ଚ୍ଚ, ହାଇସ୍କୁଲ



ଛକଠାରେ ଥିବା ବାପଟିଷ୍ଟ ଚର୍ଚ୍ଚ ସହ ବିଭିନ୍ନ ଚର୍ଚ୍ଚରେ ସାଜସଜ୍ଜା କରାଯାଇଥିଲା। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ବିଭିନ୍ନ ଚର୍ଚ୍ଚରେ ପ୍ରାର୍ଥନା ସଭାରେ ଯୋଗଦେଇ ପ୍ରଭୁ ଯୀଶୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ବଡ଼ଦିନ ପାଇଁ ପ୍ରସିଦ୍ଧ ରୋଜ୍ କେକ୍ ବଣ୍ଟାଯାଇଥିଲା। ସେହିପରି ଜିଲ୍ଲାର ଗୁମ୍ମା , ନୂଆଗଡ଼, ରାୟଗଡ଼, ମୋହନା, ଆର. ଉଦୟଗିରି ବ୍ଲକ ଖ୍ରୀଷ୍ଟିୟାନ ବହୁଳ ଅଞ୍ଚଳରେ ବଡଦିନ ପର୍ବ ପାଳନ କରାଯାଇଛି। ପାରଳାଖେମୁଣ୍ଡି ସହର ବଡଦିନ ପାଇଁ ଖୁବ୍ ଚଳଚଞ୍ଚଳ ରହିଥିଲା। ଆଜି ଦିନ ତମାମ ବର୍ଷା ଲାଗି ରହିଥିଲେ ମଧ୍ୟ ଖ୍ରୀଷ୍ଟ ଧର୍ମାବଲମ୍ବୀପବିତ୍ର ବଡଦିନକୁ ଅତି ହର୍ଷଉଲ୍ଲାସର ସହ ପାଳନ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ବିଭିନ୍ନ ଚର୍ଚ୍ଚ କୁ ଯାଇ ଖ୍ରୀଷ୍ଟୀୟ ଭାଇ ଭଉଣୀଙ୍କୁ ଅଭିନନ୍ଦନ ଜଣାଇବା ସହ କେକ୍ କାଟିଥିଲେ । ଗୁମ୍ମା ବ୍ଲକ ସେରଙ୍ଗ, ପି. କଲୋନୀ, ଖ୍ରୀଷ୍ଟପୁର, ଗାଇବା ଆଦି ବିଭିନ୍ନ ଗ୍ରାମର ଚର୍ଚ୍ଚକୁ ଯାଇ ଖ୍ରୀଷ୍ଟିଆନ ଭାଇ ଓ ଭଉଣୀଙ୍କୁ ଖ୍ରୀଷ୍ଟମାସ ର ଅଭିନନ୍ଦନ ଜଣାଇଥିଲେ ବିଧାୟକ। ଏହା ସହ ବିଧାୟକ ପ୍ରତ୍ୟେକ ଚର୍ଚ୍ଚ ଫାଦର ଓ ପାଷ୍ଟର ମାନଙ୍କୁ ଖ୍ରୀଷ୍ଟମାସର ଉପହାର ଦେଇଥିଲେ।

## ରାଇକିଆ

କନ୍ଧମାଳ ଜିଲ୍ଲା ରାଇକିଆ ଅଞ୍ଚଳର ବିଭିନ୍ନ ଚର୍ଚ୍ଚରେ ବଡ଼ ଦିନ ପାଳିତ ହୋଇଛି। କ୍ୟାଥଲିକ୍ ଚର୍ଚ୍ଚରେ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଧର୍ମ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ ବାଇବଲ ପଠନ କରିବା ସହ୍ ଧରାପୃଷ୍ଠକୁ ଯିଶୁଖ୍ରୀଷ୍ଟଙ୍କ ଆଗମନର ମହତ୍ତ୍ୱ ବିଷୟରେ ବିଶ୍ୱାସୀଙ୍କୁ କହିଥିଲେ। ମଣ୍ଡାକିଆ, ସୁଗଡବାଡି ,ଟିଆଙ୍ଗିଆ ପରି ବିଭିନ୍ନ ମଣ୍ଡଳୀ ସମେତ ରାଇକିଆ ଧର୍ମାଞ୍ଚଳ ବିଭିନ୍ନ ମଣ୍ଡଳୀରୁ ବହୁ ଖ୍ରୀଷ୍ଟ ଧର୍ମାବଲାମ୍ବୀ ଯୋଗଦେଇ ଆନନ୍ଦ ଉଲ୍ଲାସରେ ପର୍ବ ପାଳନ କରାଯାଇଥିଲା। ସନ୍ଧ୍ୟାରେ ଚର୍ଚ୍ଚ ପରିସରରେ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଟିକାବାଲି

କନ୍ଧମାଳ ଜିଲ୍ଲା ଟିକାବାଲି ଏବଂ ଏହାର ଆଖପାଖ ଅଞ୍ଚଳରେ ବଡ଼ଦିନ ବା ଖ୍ରୀଷ୍ଟମାସ ପାଳିତ ହୋଇଯାଇଛି। ଏହି ଅବସରରେ ଟିକାବାଲିର ବିଭିନ୍ନ ଚର୍ଚ୍ଚ ବା ଗୀର୍ଜାଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳା, ତାରା ଏବଂ ସୁନ୍ଦର ସାଜସଜ୍ଜାରେ ସଜାଇ ଦିଆଯାଇଛି। ଘରେ ଘରେ ପାରମ୍ପରିକ ପିଠା ପଣା, କେକ୍ ଏବଂ ବିଭିନ୍ନ ପ୍ରକାର ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ବନ୍ଧୁବାନ୍ଧବ ଓ ପଡ଼ୋଶୀମାନଙ୍କୁ ଆପ୍ୟାୟିତ କରାଯାଇଥିଲା। ପ୍ରଭୁ ଯୀଶୁଙ୍କ ଶାନ୍ତି, ପ୍ରେମ ଓ ଭ୍ରାତୃଭାବର ବାର୍ତ୍ତାକୁ ପାଥେୟ କରି ସ୍ଥାନୀୟ ଅଞ୍ଚଳରେ ଏହି ପର୍ବ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଛି।

### ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

## ଡିଜିଟାଲ ସଶକ୍ତୀକରଣ ଓ ସନ୍ତୁଳିତ ବିକାଶ ଉପରେ ଗୁରୁତ୍ୱ




ପାରଳାଖେମୁଣ୍ଡି,୨୫ ।୧୨(ସମିସ): ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନ୍ତଃ ଗୁଣବତ୍ତା ଆଶ୍ୱସନା ପ୍ରକୋଷ୍ଠ ଓ ବାଣିଜ୍ୟ ବିଭାଗର ସଂଯୁକ୍ତ ଆୟୋଜନରେ ବାଣିଜ୍ୟ, ପରିଚାଳନା ଓ ସମାଜରେ ସସ୍ଥାୟୀ, ସମାବେଶୀ ଓ ଡିଜିଟାଲ ରୂପାନ୍ତରଣ ବିଷୟରେ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଏବଂ ମୁଖ୍ୟବକ୍ତା ଭାବେ ମେଘାଳୟର ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟିର ବାଣିଜ୍ୟ ବିଭାଗର ପ୍ରଫେସର ନାଗରୀ ମୋହନ ପଣ୍ଡା, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ଏବଂ ପୁନେର ଗ୍ଲୋବାଲ ବିଜିନେସ୍ ସ୍କୁଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ପ୍ରଫେସର ପ୍ରବୀର ଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମାଜରେ ଡିଜିଟାଲ ସଶକ୍ତିକରଣ ଓ ସନ୍ତୁଳିତ ବିକାଶର ଆବଶ୍ୟକତା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୁଇଦିନିଆ ସମ୍ମିଳନୀରେ ଦେଶ ଓ ବିଦେଶର ବିଶିଷ୍ଟ ଶିକ୍ଷାବିଦ୍, ଗବେଷକ ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଓମାନ, କାନାଡା, ମାଲେସିଆ ଏବଂ ବାହାରିନ ଭଳି ବିଦେଶୀ ବିଶ୍ୱବିଦ୍ୟାଳୟର ବିଶାରଦମାନେ ଅନଲାଇନ ଜରିଆରେ ନିଜର ମତ ରଖିଥିଲେ। ଏହି ଉପଲକ୍ଷେ ପ୍ରକାଶିତ ସ୍ମରଣିକାରେ ପ୍ରବନ୍ଧମାନଙ୍କର ସଂକ୍ଷିପ୍ତସାର, ପରବର୍ତ୍ତୀକାଳରେ ଗବେଷକମାନଙ୍କ ପଥପ୍ରଦର୍ଶକ ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ଉଦଯାପନୀ ସମାରୋହରେ ଉଚ୍ଚଶିକ୍ଷା ବିଭାଗ ଉପଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି ଭାବେ, ଗୋଆ ମଲ୍ଟି ଫ୍ୟାକଲ୍ଟି କଲେଜର ଡ. ସୁବାଶିଷ ମହାନ୍ତି ସମ୍ମାନିତ ଅତିଥି, ସମ୍ମିଳନୀର ଆବାହକ ଭାବେ ଡ. ବିଘ୍ନେଶ୍ୱର ମିଶ୍ର ଏବଂ ସମ୍ମିଳନୀର ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ଶିବ ପ୍ରସାଦ ସେଠୀ, ଆବାହକ ଡ. ବିଘ୍ନେଶ୍ୱର ମିଶ୍ର ଏବଂ ସମ୍ମିଳନୀର ସଙ୍ଗଠନ ସମ୍ପାଦକ ଡ.ସୁମନ୍ତ କୁମାର ବେହେରା ଓ ଡ. ଶୁଭେନ୍ଦୁ କୁମାର ପ୍ରଧାନ ସହାୟତା କରିଥିଲେ।

## କରଣସାହିରେ ୧୫ରୁ ଊର୍ଦ୍ଧ୍ୱ ପାଣି ମିଟର ଚୋରି

ପାରଳାଖେମୁଣ୍ଡି,୨୫ ।୧୨(ସମିସ): ପାରଳାଖେମୁଣ୍ଡି ସହରର କରଣସାହିରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରକୁ ଘର ଦିଆଯାଇଥିବା ପାଇପ ପାଣି ମିଟର କେହି ଦୁର୍ବୃତ୍ତ କାଟି ନେଇଥିବା ଜଣାପଡିଛି। ମଙ୍ଗଳବାର ମଧ୍ୟରାତ୍ରରେ ପାନୀୟଜଳ ଲାଗି ଘରକୁ ଘର ସଂଯୋଗୀକରଣ ହୋଇଥିବା ପାଇପଲାଇନ ମିଟରକୁ କାଟି ନିଆଯାଇଛି। ବୁଧବାର ସକାଳେ ଏହି ବିଷୟ ଜଣାପଡିଥିଲା। ଦୁର୍ବୃତ୍ତ ପାଇପ ମିଟର କାଟି ନେଇଥିବାରୁ ପାଣି ରାସ୍ତାରେ ଭାସିଥିଲା। ସାହିରେ ଶତାଧିକ ପାଇପ ଲାଇନ ଥିବାବେଳେ ୧୫ରୁ ଅଧିକ ପାଇପ ମିଟର କଟାଯାଇଥିବା ଜଣାଯାଇଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗରେ ଅଭିଯୋଗ ହେବା ପରେ ଆଜି ପାଇପ ଗୁଡିକୁ ପୁନଃ ସଂଯୋଗ କରାଯାଇଛି। ଏନେଇ ମାମଲା ଥାନାରେ ଲିଖିତ ହୋଇନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ବିଷ୍ଣୁଚରଣ ଅଗ୍ରୱାଲଙ୍କୁ ପଚାରିବାରେ ଏନେଇ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସାଂସ୍କୃତିକ କମିଟିର ପ୍ରଥମ ବୈଠକ

ପାରଳାଖେମୁଣ୍ଡି,୨୫ ।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପ୍ରକୋଷ୍ଠରେ ଗଜପତି ଉତ୍ସବ ଲାଗି ଗଠିତ ହୋଇଥିବା ସାଂସ୍କୃତିକ କମିଟିର ପ୍ରଥମ ବୈଠକ ପଣ୍ଡିତ ଗୁରୁ ରଘୁନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିର ବଜେଟ ସମ୍ପର୍କରେ ଆଲୋଚନା କରାଯିବା ସହ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ୧୦



ସାଂସ୍କୃତିକ ଦଳ, ବିଭିନ୍ନ ଜିଲ୍ଲାରୁ ପ୍ରେରଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଉକ୍ତ ବୈଠକରେ ସାଂସ୍କୃତିକ କମିଟିର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ନୃସିଂହ ଚରଣ ପଟ୍ଟନାୟକ, ଏମ୍. ପୃଥିବୀରାଜ, ବାଳକୃଷ୍ଣ ପାଣିଗ୍ରାହୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସୁଧୀର ହୋତା, ଶୁଭେନ୍ଦୁ ମୋହନ ସେନାପତି, ସିପ୍ରା ମିଶ୍ର, ବିଜୟ କୁମାର ଗୌଡ, କୃଷ୍ଣ ବେହେରା, ଶିଶିର ଗୌଡ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଜିଲ୍ଲାସ୍ତରୀୟ ବାଜପେୟୀ ଜୟନ୍ତୀ ଓ ସୁଶାସନ ଦିବସ

ପାରଳାଖେମୁଣ୍ଡି,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜନ୍ମଜୟନ୍ତୀ ପାଳନ ଅବସରରେ ସୁଶାସନ ଦିବସ ଆଜି ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ. ପ୍ରକାଶ ରାଓ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକ ବିନୋଦ ଚନ୍ଦ୍ର ଜେନା ଯୋଗ ଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲାପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଯୋଗ ଦେଇଥିଲେ।



ଏହି ଅବସରରେ ସମସ୍ତ ଅତିଥିଗଣ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଭଳି ଜନନାୟକ ଦେଶରେ ବିରଳ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ପରେ ଦେଶପ୍ରୀତି ବାଜପେୟୀଙ୍କ ଅବଦାନକୁ ସମ୍ମାନ ଜଣାଇବା ପରିପ୍ରେକ୍ଷୀରେ ଦେଶାତ୍ମବୋଧକ କବିତା ପାଠ ଉତ୍ସବ ହୋଇଥିଲା ଏଥିରେ ୧୦୦ରୁ ଅଧିକ କବି କବିତା ପାଠ କରିଥିଲେ। କବିତା ପାଠତ୍ସବକୁ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଓ ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଉପନିର୍ଦ୍ଦେଶକ ଡ଼ା.ବିଦ୍ୟୁତ୍ ଶେଖର ମିଶ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଖାଉଟି ଦିବସରେ ସଚେତନତା



ପାରଳାଖେମୁଣ୍ଡି, ୨୫ ।୧୨ (ସମିସ): ଜାତୀୟ ଖାଉଟି ଦିବସ ଅବସରରେ ଗ୍ରାହକ ଅଧିକାର କମିଟି ଗଜପତି ପକ୍ଷରୁ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ବୁଧବାର ଦିନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଜପତି ଗ୍ରାହକ ଅଧିକାର ସୁରକ୍ଷା କମିଟିର ସମ୍ପାଦିକା ତନୁଜା ଶତପଥୀ, ସଭାପତି ରୋକମ ଲୋକନାଥ, ଶିଶିର କୁମାର ଭଞ୍ଜ ସାମନ୍ତ, ଶିବାଶିଷ ପଟ୍ଟନାୟକ, ଓ ଏମ୍. ବାଙ୍ଗାରି ସଦସ୍ୟ ଉପସ୍ଥିତ ରହି ପ୍ରଚାରପତ୍ର ବାଣ୍ଟିବା ସହ ପ୍ରତ୍ୟେକ ନାଗରିକ ଦୈନନ୍ଦିନ ଜୀବନରେ ଟଙ୍କା ବିନିଯୋଗ କରି କ୍ରୟ କରିବା ବେଳେ ଉନ୍ନତ ମାନର ସେବା ଓ ଜିନିଷ କିଭଳି ପାଇବେ ତା ସହିତ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ର ଠକାମୀର ଶିକାର ହେଲେ କିଭଳି ଖାଉଟି ଅଦାଲତ ର ଆଶ୍ରୟ ନେବେ ସେ ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ଅପରପକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ଖାଉଟି ଦିବସରେ କୌଣସି କାର୍ଯ୍ୟକ୍ରମ କରାଯାଇ ନଥିବା କୁନେଇ କ୍ଷୋଭ ପ୍ରକାଶ କରାଯାଇଥିଲା।

## ପୂରଣ ହେଉନି ଦ୍ରୁତଗାମୀ ବସ୍ ଚଳାଚଳ ଦାବି; ବଢୁଛି ଅସନ୍ତୋଷ

ପାରଳାଖେମୁଣ୍ଡି,୨୫ ।୧୨(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମାଞ୍ଚଳକୁ ଆଜିଯାଏଁ ବିଭିନ୍ନ ସହରାଞ୍ଚଳକୁ ସିଧାସଳଖ ଦ୍ରୁତଗାମୀ ବସ୍ ଚଳାଚଳ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଥି ପ୍ରତି ସରକାର କିମ୍ବା ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୁରାଣ୍ଡି ଗ୍ରାମ ଦେଇ ରାଜ୍ୟ ରାଜଧାନୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ନବରଙ୍ଗପୁର, ଜୟପୁର, କୋରାପୁଟ, ରାୟଗଡ ଆଦି ସହରାଞ୍ଚଳକୁ ଦ୍ରୁତଗାମୀ ବସ୍ ଚଳାଚଳ ପାଇଁ ବିଭିନ୍ନ ସ୍ତରରେ ଦାବି ହୋଇଆସୁଛି। ଏପରିକି ଗତବର୍ଷ ଅଗଷ୍ଟ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ହୋଇନାହିଁ। ଏହି ପ୍ରକୋଷ୍ଠରେ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଏହି ଅଞ୍ଚଳକୁ ତୁରନ୍ତ ଦ୍ରୁତଗାମୀ ତଥା ଦୂରଗାମୀ ବସ୍ ଚଳାଚଳ କରିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ପାରଳାଖେମୁଣ୍ଡିରୁ ଭୁବନେଶ୍ୱର ଚଳାଚଳ କରୁଥିବା ଗଜପତି ବସ୍‌କୁ ଗୁରାଣ୍ଡି ଗ୍ରାମ ଦେଇ ଚଳାଚଳ କରିବା, ଜୟପୁର ପାରଳାଖେମୁଣ୍ଡି




ବସ୍‌କୁ ଗୁରାଣ୍ଡି ଦେଇ ଗାରାବନ୍ଧ ପର୍ଯ୍ୟନ୍ତ ସଂପ୍ରସାରଣ କଲେ ଲୋକେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି। ସେହିପରି ବ୍ରହ୍ମପୁରରୁ ନବରଙ୍ଗପୁର ଯାଉଥିବା ବସ୍‌କୁ ଏହି ଗ୍ରାମାଞ୍ଚଳ ଦେଇ ଯାତାୟତ କଲେ ଭଲ ହେବ ବୋଲି ପ୍ରସ୍ତାବ ଦିଆଯାଇଛି। ମନ୍ତ୍ରୀ ଶ୍ରୀ ଜେନା ତୁରନ୍ତ ବସଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ମଧ୍ୟ ଆଜି ଯାଏଁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଛି। ଏପରିକି ପରିବହନ ମନ୍ତ୍ରୀ ଗଜପତି ଜିଲ୍ଲାକୁ ଘନ ଘନ ଗସ୍ତରେ ଆସୁଛନ୍ତି। ହେଲେ ଲୋକଙ୍କ ସମସ୍ୟା ବୁଝୁନାହାନ୍ତି କି ପ୍ରତିଶ୍ରୁତି ଦେଇଥିବା କଥାକୁ ପୁରଣ କରୁନଥିବା ଅଭିଯୋଗ ହୋଇଛି। ପାରଳାଖେମୁଣ୍ଡି ସ୍ଥିତ ଓଡିଶା ରାଜ୍ୟ ପରିବହନ ନିଗମର ଜିଲ୍ଲା ପରିଚାଳକ ଏହି ରୁଟ୍‌ରେ ବସ ଚଳାଚଳ କରିବା ପାଇଁ ନିରୀକ୍ଷଣ କରିବା ସହ ପାରଳାଖେମୁଣ୍ଡିରୁ ସିୟୁଟିଏମ୍, ଗୁରାଣ୍ଡି, ପଲାସା, ଇଚ୍ଛାପୁର, ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଫୁଲବାଣୀ ଦେଇ ବୌଦ୍ଧ ପାଇଁ ନୂଆ ରୁଟ୍‌ର ପରିଦର୍ଶନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଗାରାବନ୍ଧ, ଗୋଷାଣି ଓ ଗୁରାଣ୍ଡି ଦେଇ ପାରଳାଖେମୁଣ୍ଡି ଓ ରାୟଗଡ଼ା ଜିଲ୍ଲା ସଦରମହକୁମାକୁ ଏସ୍‌ଏସ୍‌ଏସ୍‌ବିଏସ୍ ଏକ ଘରୋଇ ବସ୍ ଚଳାଚଳ କରୁଥିଲା। ଏହି ବସ୍ ରାୟଗଡ଼ାଠାରୁ ପାରଳାଖେମୁଣ୍ଡି ଚଳାଚଳ କରି ରାତ୍ର ରହଣୀ ପାରଳାଖେମୁଣ୍ଡିରେ କରୁଛି। ରାୟଗଡ଼ାରୁ ସନ୍ଧ୍ୟା ୬ଟା ସମୟରେ ପାରଳାଖେମୁଣ୍ଡି ଠାରେ ପହଞ୍ଚି ଗୁରାଣ୍ଡି ଗ୍ରାମ ଦେଇ ଗାରାବନ୍ଧାରେ ରାତ୍ର ରହଣୀ କରୁଥିଲା। ହେଲେ ବହୁ ବର୍ଷ ହେଲା ଏହି ବସ୍ ପାରଳାଖେମୁଣ୍ଡି ଠାରେ ରହଣୀ କରୁଛି। ଫଳରେ ସନ୍ଧ୍ୟା ସମୟରେ ଗୁରାଣ୍ଡି ଗାରାବନ୍ଧକୁ ଲୋକେ ଯାଇପାରୁ ନାହାନ୍ତି। ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି। ଉକ୍ତ ବସ୍ ପୁଣି ଗାରାବନ୍ଧ ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଗୁରାଣ୍ଡି ଗ୍ରାମ ଦେଇ ବସ୍ ଚଳାଚଳ ନକଲେ ମାଛମରା ଛକ ସ୍ଥିତ ଜାତୀୟରାଜପଥ ଏବଂ ଗୋଷାଣି ଗ୍ରାମ ଛକର ରାଜ୍ୟରାଜପଥକୁ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଙ୍କ ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି। କେବଳ ଗୁରାଣ୍ଡି ଗ୍ରାମ ନୁହେଁ ଆଖପାଖରେ ମଧ୍ୟ ବଡ ବଡ ଜନବହୁଳ ଗ୍ରାମ ରହିଛି। ସେହି ଗ୍ରାମର ଲୋକେ ମଧ୍ୟ ଦୈନନ୍ଦିନ ବିଭିନ୍ନ କାମ କିମ୍ବା ଉଚ୍ଚ ଚିକିତ୍ସା, ଉଚ୍ଚ ଶିକ୍ଷା ଆଦି ନିମନ୍ତେ ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଆନ୍ଧ୍ରର ବିଶାଖାପାଟଣା ଆଦିକୁ ଯାତାୟତ କରିଥାନ୍ତି। ଏପରି ସ୍ଥଳେ ସିଧାସଳଖ ବସ ନଥିବାରୁ ବିଭିନ୍ନ ଷ୍ଟପେଜ୍‌କୁ ଯାଇ ବସ୍ ଧରିଥାନ୍ତି। ଏଥିରେ ସମୟ ଅପଚୟ ସହ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

## ● କାର୍ଯ୍ୟକ୍ରମ ବର୍ଜନ କଲେ ନିର୍ବାଚିତ ପ୍ରତିନିଧି



**ଦିଗପହଣ୍ଡି,୨୫ ।୧୨(ସମିସ):** ଦିଗପହଣ୍ଡି ସହରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅନୁମୋଦିତ ହୋଇଥିବା ବସ୍‌ଷ୍ଟାଣ୍ଡ-ପୁଞ୍ଜିକୟାଁ ଛକ ମୁଖ୍ୟରାସ୍ତା କଡ଼ରେ ଫୁଡ୍ କୋର୍ଟ ଓ ଭେଣ୍ଡିଂଜୋନ ସହ ସହରର ଜନତା ଲେନ୍ ରାସ୍ତାକଡ଼ରେ ନୂତନ ପାଠାଗାର ଓ ଦୋକାନ ଗୃହ ନିର୍ମାଣ କରାଯିବ ବୋଲି ଜଣାପଡିଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ସହକାରୀ ଯନ୍ତ୍ରୀ ଇଂ. ଲକ୍ଷ୍ମୀ ସିଂ, କନିଷ୍ଠ ଯନ୍ତ୍ରୀ ଇଂ. କେ. ମିଥୁନ କୁମାର ସେନାପତି, କାଉନ୍‌ସିଲର ଦୀପକ କୁମାର ମିଶ୍ର, ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସୁନୀଲ କୁମାର ପଣ୍ଡା, ମାମିନି ବେହେରା, ସନ୍ତୋଷିନୀ ବେହେରା, ଇ. ଗାୟତ୍ରୀ, କାଉନ୍‌ସିଲର ପ୍ରତିନିଧି ରମେଶ ଚନ୍ଦ୍ର ଜେନା, ରଞ୍ଜିତ ବେହେରା, ଇ.ଶଙ୍କରଙ୍କ ସମେତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଅପରପକ୍ଷରେ ଏନଏସି ଉପାଧ୍ୟକ୍ଷ କେ.ପୂଜାଙ୍କୁ ବିଧାୟକଙ୍କ ଶିଳାନ୍ୟାସ କାର୍ଯ୍ୟକ୍ରମ ସମ୍ପର୍କରେ ଏନଏସି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇନଥିବା ସହ ଏନେଇ ଏନଏସି କାଉନସିଲ ସଭାରେ କୌଣସି ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇନଥିବା କାରଣରୁ ସେ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ପ୍ରତିନିଧି କେ.କୁନା ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି। ଏନେଇ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ତାଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ପୂର୍ବରୁ ଲିଖିତ ଭାବେ ଜଣାଯାଇଥିବା କହିଛନ୍ତି।

# ମହାପ୍ରୟାଣ ଗାଡ଼ି ସମ୍ବନ୍ଧୀୟ ସମୀକ୍ଷା ବୈଠକ



**ଛତ୍ରପୁର,୨୫ ।୧୨(ସମିସ):** ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାପ୍ରୟଣ ଗାଡି ସମ୍ବନ୍ଧୀୟ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଲୋକଙ୍କୁ ସଠିକ ଭାବେ ସେବା ପ୍ରଦାନ କରିବା ନିମନ୍ତେ ଗୁରତ୍ୱ ଦେବା ସହିତ ସରକାରଙ୍କ ନିୟମ ଅନୁସାରେ ମାଗଣାରେ ସେବା ନିୟମ କଡାକଡି ଭାବେ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଯିଏ ଲୋକଙ୍କ ଠାରୁ କିଛି ଟଙ୍କା ମାଗିବା ନଜରକୁ ଆସିଛି ଦରକାର ପଡ଼ିଲେ ତାଙ୍କ ବିରୁଦ୍ଧରେ ଏତଲା ଦିଆଯିବ ବୋଲି ମଧ୍ୟ କହିଥିଲେ। ରେଡ଼କ୍ରସ ପକ୍ଷରୁ ପରିଚାଳିତ ହେଉଥିବା ବ୍ରହ୍ମପୁର ଏମକେସିଜି ମେଡିକାଲରେ ମହାପ୍ରୟାଣ ଗାଡି ନିମନ୍ତେ ଆହୁରି ଚାଳକ ଆବଶ୍ୟକତା ରହିଛି, ତାହାକୁ ପୂରଣ କରାଯିବ। ଯେଉଁ ବିଏଲ୍‌ଏଫ ଏହି ଦାୟିତ୍ୱ ରହିଛି ସିଏ ସଠିକ ଭାବେ ଚାଳକଙ୍କୁ ଦରମା, ସେମାନଙ୍କ ଇଏସ୍‌ଆଇ ଓ ଇପିଏଫ ବାନ୍ଧିବେ ବୋଲି କୁହାଯାଇଛି। ଏମକେସିଜିରେ ମାସକୁ ୪ ଶହରୁ ୫ ଶହ ମୃତଦେହକୁ ଗାଡିରେ ନିଆଯାଉଛି। ଆବଶ୍ୟତାକୁ ଦୃଷ୍ଟିରେ ରଖି ଆଉ ଗୋଟିଏ ଗାଡି ଅଣାଯିବ। ଜିଲ୍ଲାରେ ୨୮ଟି ସିଏଚ୍‌ସି ରହିଥିବା ବେଳେ ୯ଟି ମହାପ୍ରୟାଣ ଗାଡ଼ି ରହିଛି। କେତେକ ଅଞ୍ଚଳରେ ଗାଡ଼ି ଅଛି ହେଲେ କୌଣସି ସମସ୍ୟା ନେଇ ଗଡୁନି ତାହାର ସୁବ୍ୟବସ୍ଥା କରିବା ନିମନ୍ତେ ଜିଲ୍ଲାପାଳ କହିଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏମକେସିଜି କଲେଜର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଡେପୁଟି କଲେକ୍ଟର ଅଭିଷେକ ସାହୁ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର, ଗଞ୍ଜାମ ଆରଟିଓ ଇଂ. ଦେବାଶିଷ ସ୍ୱାଇଁ, ଜିଲ୍ଲା ଜରୁରିକାଳୀନ କାର୍ଯ୍ୟାଳୟ ରେଡକ୍ରସ ଦାୟିତ୍ୱ ଥିବା କିରଣି ଦିଲେଶ୍ୱର ରେଡ୍ଡୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ଘୋଷଣା ପରେ ଲୋକେ ଛାନିଆ

# ପ୍ରଦୂଷଣ ଯାଞ୍ଚ ଭ୍ୟାନ୍ ଆଗରେ ଭିଡ଼

**ଛତ୍ରପୁର,୨୫ ।୧୨(ସମିସ)**



ପିୟୁସି ସାର୍ଟିଫିକେଟ ନଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ। ସରକାରଙ୍କ ଏହି ଘୋଷଣା ପରେ ହଇରାଣରୁ ବର୍ତ୍ତିବା ପାଇଁ ପଲ୍ୟୁସନ ଟେଷ୍ଟିଂ ଭ୍ୟାନ ଆଗରେ ଲୋକ ଭିଡ଼ କରୁଛନ୍ତି। ଏ ନେଇ ଛତ୍ରପୁର କଲେଜ ନିକଟ ଜାତୀୟ ରାଜପଥ ପାଶ୍ୱର୍ ପଲ୍ୟୁସନ ଟେଷ୍ଟିଂ ଭ୍ୟାନ ଆଗରେ ଘଣ୍ଟା ଘଣ୍ଟା ଧାଡିରେ ଲୋକମାନେ ରହି ନିଜ ନିଜ ଗାଡ଼ିର ପିୟୁସି ସାର୍ଟିଫିକେଟ ନିମନ୍ତେ ଜଗି ରହିଛନ୍ତି। ଅନ୍ୟପକ୍ଷରେ ଗାଡ଼ିର ବୀମା ଭଳି ପିୟୁସି ସାର୍ଟିଫିକେଟ ପିରିୟଡ଼ ୬ ମାସ ବଦଳରେ ୧ ବର୍ଷକୁ ବୃଦ୍ଧି କରାଯାଉ ଏବଂ ସରକାର ଯେଉଁ ନିୟମ କରୁଛନ୍ତି ଲୋକଙ୍କୁ ଉପଯୁକ୍ତ ସମୟ ଦେବାକୁ ମଧ୍ୟ ଲୋକମାନେ ଦାବି କରିଛନ୍ତି। କିନ୍ତୁ ପେଟ୍ରୋଲ ପମ୍ପରେ ପ୍ରଦୂଷଣ ବିହୀନ ପ୍ରମାଣପତ୍ର ଯାଞ୍ଚ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। ତେଣୁ ଏହାର କାର୍ଯ୍ୟାକାରିତାକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି। ସରକାର କହିଛନ୍ତି, ପିୟୁସି ସାର୍ଟିଫିକେଟ ନଥିଲେ ତେଲ ମିଳିବ ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ତେଲ ଟାଙ୍କିରେ ଏହା କେମିତି ଯାଞ୍ଚ କରାଯିବ? ଏ ନେଇ କୌଣସି ବ୍ୟବସ୍ଥା ନାହିଁ। ସାର୍ଟିଫିକେଟ ଯାଞ୍ଚ କିଏ କରିବ? ଏ ବାବଦରେ ପେଟ୍ରୋଲ ପମ୍ପ କର୍ମଚାରୀ ପାଖରେ କୌଣସି ସୂଚନା ଦିଆଯାଇ ନାହିଁ। ପୂର୍ବରୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବ୍ୟାନ ସହ ନୋ ହେଲମେଟ ନୋ ପେଟ୍ରୋଲ ନିୟମ ଲାଗୁ କରିଥିଲେ ସରକାର। କିନ୍ତୁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲାନି। ଲୋକ ବି ଦିନ କେଇଟା ପରେ ନିୟମକୁ ଭୁଲିଗଲେ। ପିୟୁସି ସାର୍ଟିଫିକେଟ ନଥିଲେ ତେଲ ନାହିଁ ପାଇଁ ବ୍ୟବସ୍ଥା ବିକଶିତ ନହେଲା ଯାଏଁ କାର୍ଯକାରିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଗଞ୍ଜାମ ଜିଲ୍ଲାରେ ୪୫ଟି ସ୍ଥାନରେ କରାଯାଉଛି, ସେଥିମଧ୍ୟରୁ ବ୍ରହ୍ମପୁରରେ ସର୍ବାଧିକ ୧୯ଟି ସ୍ଥାନରେ ପ୍ରଦୂଷଣ ଯାଞ୍ଚ କରାଯାଉଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିପରି ୧ ଜାନୁଆରୀ ୨୦୧୪ରୁ ୨୪ ଡିସେମ୍ବର ୨୦୨୫ ମଧ୍ୟରେ ଗଞ୍ଜାମ ପରିବହନ ବିଭାଗ ଅଧୀନରେ ୪ଲକ୍ଷ ୫ହଜାର ୪୬୫ଟି ମଟର ସାଇକେଲ ଓ ୧୯ ହଜାର ୨୭ଟି ଚାରି ଚକିଆ ଯାନ ପଞ୍ଜିକୃତ ହୋଇଥିବା ସୂଚନା ମିଳିଛି। ଯେଉଁ ୩୧ ଡିସେମ୍ବର ରହିଥିଲା ତାହା ବୃଦ୍ଧି ହୋଇ ମାସେ ବଢିଛି। ଫେବ୍ରୁଆରୀ ୧ରୁ ଯେପରି ଗାଡିର ବୈଧ କାଗଜପତ୍ର କରାଇବାକୁ କୁହାଯାଇଛି। ଏହି ଅବଧି ମଧ୍ୟରେ ଗାଡିର ଆରସି.ଫିଟନେସ, ପିୟୁସି, ବୀମା ଆଦି କରାଇବାକୁ କୁହାଯାଇଛି।

# ରକ୍ତଦାତା ସଂଘର ରୌପ୍ୟ ଜୟନ୍ତୀ




**ବ୍ରହ୍ମପୁର,୨୫।୧୨(ସମିସ):** ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ସଂଗଠନର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନର ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ସମ୍ମାନୀତ ଅତିଥି ଭାବେ ଡ. ସଂଯୁକ୍ତା ପାଣିଗ୍ରାହୀ, ରୋଟାରୀ କ୍ଲବ ବ୍ରହ୍ମପୁର ଅଧ୍ୟକ୍ଷ ରୋଟାରିଆନ ଇ. ଭେଙ୍କଟ ଆନନ୍ଦ ଓ ଫ୍ରେଣ୍ଡସ ହେଲ୍‌ପିଂ କ୍ଲବ ସଭାପତି ସତ୍ୟକାମ ପାତ୍ରଙ୍କ ସମେତ ସଂଗଠନର ସମ୍ପାଦକ ସିଏଚ. ଶିବପ୍ରସଦ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ପାଇଁ ପ୍ରେରଣା ଓ ଶିବିର ଆୟୋଜନ କରୁଥିବା ୫୦ରୁ ଅଧିକ ସଂଗଠନ ଗଂଜାମ, ଫୁଲବାଣୀ ଓ ପୁରୀ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଜାମ୍ମୁଲା ସୁରେଶ ଓ ଭି. ସନ୍ତୋଷ କୁମାର ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ଉପସଭାପତି କେ. ନନ୍ଦେଶ୍ବୁ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ● ଛତ୍ରଛାୟା ତଳେ ଗ୍ରାମ୍ୟ ନିର୍ମାଣ ଯନ୍ତ୍ରୀ

# ଖତ ଖାଉଛି ନବନିର୍ମିତ କୋଠା

**କୁକୁଡ଼ାଖଣ୍ଡି,୨୫ ।୧୨(ସମିସ):** ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ହେଉଥିବା କାର୍ଯ୍ୟର ତଦାରଖ କରିବାକୁ କୁକୁଡ଼ାଖଣ୍ଡି ବ୍ଲକ୍‌ରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମାଣ ହୋଇଛି। ଏହି କୋଠାଗୁଡ଼ିକ ମଧ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆବାସିକ ବାସଭବନ ଅନ୍ୟତମ। କାର୍ଯ୍ୟାଳୟରେ ପିଅନ କିମ୍ବା ଅନ୍ୟ କୌଣସି କର୍ମଚାରୀ ନ ଥିବାବେଳେ ଉକ୍ତ କାର୍ଯ୍ୟାଳୟ କେତେବେଳେ ଖୋଲା ରହୁଛି ତାହା ଜାଣିବା ମଧ୍ୟ କଷ୍ଟକର ହେଉଛି। ଯଦ୍ୱାରା କୌଣସି କାର୍ଯ୍ୟରେ ସାଧାରଣ ଲୋକଟିଏ ଏହି କାର୍ଯ୍ୟାଳୟକୁ ଯାଇ ନିରାଶ ହେବାକୁ ପଡୁଛି। ଏ ନେଇ ଗତ ୧୫ ତାରିଖରେ



ଦୈନିକ 'ସକାଳ'ରେ 'ଭୂତକୋଠି ପାଲଟିଛି ଗ୍ରାମ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ' ଶୀର୍ଷକରେ ଖବର ପ୍ରକାଶିତ ହୋଇଥିଲା। ଏହା ସତ୍ତ୍ୱେ ସମ୍ପୃକ୍ତ ଯନ୍ତ୍ରୀ ଓ ବିଭାଗ କର୍ଣ୍ଣପାତ କରୁନାହାନ୍ତି। କାର୍ଯ୍ୟାଳୟରେ ତାଲା ପଡୁଥିବା ପ୍ରସଙ୍ଗରେ ଏସ୍‌ଡିଓ ସନ୍ଦୀପ କୁମାର ଜେନାଙ୍କୁ ପଚାରିବାରେ କ୍ଷେତ୍ର ପରିଦର୍ଶନ କରିବା ଯନ୍ତ୍ରୀଙ୍କ କାମ, ଏଣୁ ସେ କାର୍ଯ୍ୟାଳୟରେ ରହିପାରୁନଥିବା କହିଛନ୍ତି। ସରକାରୀ କାର୍ଯ୍ୟାଳୟ ସମେତ ଅଧିକାରୀଙ୍କ ପାଇଁ ଥିବା ସରକାରୀ ବାସଭବନ ମଧ୍ୟ ବ୍ୟବହାର ନହୋଇ ଏକ ରକମର ଭୂତକୋଠି ପାଲଟିଥିବା ଦେଖିବାକୁ ମିଳିଛି। ମୁଖ୍ୟ କାର୍ଯ୍ୟାଳୟରୁ ପିଅନ କିମ୍ବା ଅନ୍ୟ କର୍ମଚାରୀଙ୍କୁ ଏଠାରେ ନିୟୋଜିତ କରାଗଲେ କାର୍ଯ୍ୟାଳୟଟି ନିୟମିତ ଖୋଲାରହି କାର୍ଯ୍ୟକ୍ଷମ ହେବା ସହ ଲୋକଙ୍କ ସେବାରେ ଆସିପାରିବ ବୋଲି ମତ ପ୍ରକାଶ ପାଇଛି। ଅପରପକ୍ଷେ ବିଭାଗୀୟ ଯନ୍ତ୍ରୀ ଆଶୁତୋଷ ବେହେରାଙ୍କ ସହ ଯୋଗାଯୋଗ କରିବାରେ ସେ ମଧ୍ୟ ଏସ୍‌ଡିଓଙ୍କ ପ୍ରତିକ୍ରିୟାକୁ ଦୋହରାଇଛନ୍ତି। ତେବେ ପ୍ରଶାସନଙ୍କ ତଦାରଖରେ ଅବହେଳା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ କୋଠା ଏବେ ଅବ୍ୟବହୃତ ହୋଇ ପଡ଼ିରହିଛି।

# ଜାତୀୟ ଖାଉଟି ଦିବସ ପାଳିତ




**ଭଞ୍ଜନଗର,୨୫ ।୧୨(ସମିସ):** ଉପଭୋକ୍ତା ଓକିଲାତି ସଂଘ, ଅବସର ସୈନିକ ସଂଘ, ଗ୍ରାହକ ପଞ୍ଚାୟତ ମିଳିତ ସହଯୋଗରେ ସ୍ଥାନୀୟ ଭଞ୍ଜନଗର କାର୍‌ଗିଲ ସହିଦ ଭବନ ଠାରେ ଗ୍ରାହକ ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରା ଉଦଘାଟନ କରିଥିଲେ। ଇ-ସେବା ମାଧ୍ୟମରେ ଗ୍ରାହକମାନେ ଟଙ୍କା ଦେଣନେଣ କରିବା ଉପରେ ସମ୍ମାନୀୟ ଅତିଥି ଭାବେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ଗୁରତ୍ୱ ଦେଇଥିଲ। ଜିଲ୍ଲା ସଦର ମହାକୁମା ଛତ୍ରପୁର ଏଠାରୁ ଦୂରତା ଯୋଗୁ ଭଞ୍ଜନଗରରେ ଖାଉଟି ଅଦାଲତ ସ୍ଥାପନ, ସ୍ମାର୍ଟ ମିଟରକୁ ବିରୋଧ, ପେଟ୍ରୋଲ ପମ୍ପରେ ମାଗଣା ଏୟାର ଓ ଜନବହୁଳ ଭିତରେ ଭାରତ ଇଣ୍ଡେନ ଗ୍ୟାସ ଗୋଦାମ ବିପଦ, ଟେଲିକମ କମ୍ପାନି ନେଟୱାର୍କ ସମସ୍ୟା, ନକଲି ସାର ଓ ମେଡିସିନ ବଜାର, ଆଜ୍‌ମା ରୋଗୀକୁ ବୀମା ବାରଣ ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଗ୍ରାହକ ତଥା ପଞ୍ଚାୟତ ସଭାପତି ତ୍ରିନାଥ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନାୟକ ଆଚାର୍ଯ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର,୨୫।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜୁନିୟର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗୁରୁବାର ବିନାୟକ ଆଚାର୍ଯ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ, କର୍ପୋରେଟର ସବିତା ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ କମଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଛତ୍ରପୁର ଓ ଦିଗପହଣ୍ଡି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



# ବିଭିନ୍ନ ସ୍ଥାନରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

**ଛତ୍ରପୁର,୨୫ ।୧୨(ସମିସ)**



ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ସିଏସଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ଅନ୍ୟାନ୍ୟ ଅତିଥି ମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଆସିଷ୍ଟାଣ୍ଟ କଲେକ୍ଟର ଦୀପକ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ଓ ପ୍ରତିଭା ଆବାସିକ କଲେଜର ମୁଖ୍ୟ ଚିନ୍ମୟ ଦାଶ ପ୍ରମୁଖ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭି. ରାଜେନ୍ଦ୍ର ରାଜୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ସଂଯୋଜନା କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟବକ୍ତା ଘୁମୁସର ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ନିମନ୍ତ୍ରିତ ଅତିଥି ଭାବେ ଘୁମୁସର ଜିଲ୍ଲା ପ୍ରଭାରୀ ଭଗବାନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର, ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦର କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଓ ମଣ୍ଡଳ ସଭାପତି, ସ୍ଥାନୀୟ ସରପଞ୍ଚ ଓ ସମିତିଙ୍କ ପ୍ରତିନିଧି, ଆଇନଜୀବୀ ସନ୍ତୋଷ ପାଲ, ମହିଳା ସଭାନେତ୍ରୀ ରଶ୍ମିତା ମହାପାତ୍ର ପ୍ରମୁଖ ମଞ୍ଚାସିନ ରହିଥିଲେ। ମଣ୍ଡଳ ସଭାପତି ସରୋଜ କୁମାର ନାୟକ ସଂଚାଳନ କରିଥିବା ବେଳେ ସମାଜସେବୀ ସୂର୍ଯ୍ୟ ନାୟକଙ୍କ ସମେତ ସମସ୍ତ କର୍ମୀ ସହଯୋଗ କରିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ପ୍ରହ୍ଲାଦ ଲେଙ୍କା, ସାଂସଦ ପ୍ରତିନିଧି ରଞ୍ଜନ ରାଉତ, ବରିଷ୍ଠ ବିଜେପି ନେତା ବୁଲୁ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା ପ୍ରମୁଖ ମଞ୍ଚାସୀନ ରହି ବାଜପେୟୀଙ୍କ ଗୁଣଗାନ କରିଥିଲେ। ସରପଞ୍ଚ ସତ୍ୟବାନ ସ୍ୱାଇଁ, ଦୁର୍ଗାମାଧବ ନାୟକ, ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡ଼ା, ସୁରେନ୍ଦ୍ର କୁମାର ଡାକୁଆ, ମଣ୍ଡଳ ସଭାପତି ସଞ୍ଜୟ କୁମାର ଜେନା, ଶିବରାମ ରାଉତ, ବ୍ଲକ୍ ଉପାଧ୍ୟକ୍ଷା ପ୍ରତିନିଧି ପ୍ରମୋଦ ପ୍ରଧାନ, ବେଲଗୁଣ୍ଠା ନଗର ସାଂସଦ ପ୍ରତିନିଧି ତଥା ମଣ୍ଡଳ ସଭାପତି ନାରାୟଣ ସାହୁ, କାଉନସିଲର୍ ଦିବ୍ୟ ରଞ୍ଜନ ଦାଶ୍, ପୂର୍ବତନ ସରପଞ୍ଚ ଜୟରାମ ନାୟକ, ଯୁବନେତା ରାଧାସ୍ୱାମୀ ରାଜୁ, ଟୁକୁନା ଖଟେଇ, କାର୍ତ୍ତିକ୍ ବିଷୋୟୀ,ସନ୍ତୋଷ ସ୍ୱାଇଁ, ସୋରଡ଼ା ଏନ୍‌ଏସି ମଣ୍ଡଳ ସଭାପତି ସୀତାରାମ ପାତ୍ର, ଦେବ ପଟ୍ଟନାୟକ, ସତ୍ୟନାରାୟଣ ସ୍ୱାଇଁ, ଟୁକୁନା ଗୌଡ଼, ସରପଞ୍ଚ ଦେବରାଜ ମଲ୍ଲିକ୍, ବରିଷ୍ଠ ନେତା ବନମାଳୀ ସ୍ୱାଇଁ, ଶିବ ଦିଗାଲ୍ ଓ ଭଗବାନ ମୁନିଙ୍କ ସମେତ ବେଲଗୁଣ୍ଠା, ସୋରଡ଼ା ବ୍ଲକ୍ ଏବଂ ଏନ୍‌ଏସିରୁ ବିଭିନ୍ନ ସଂଗଠନ, କର୍ମୀ, ସରପଞ୍ଚ, ସମିତିସଭ୍ୟ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

**କବିସୂର୍ଯ୍ୟନଗର:** ସ୍ଥାନୀୟ ଗୌଡ଼ଡିପ ଠାରେ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମୁଖ୍ୟବକ୍ତା ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ସମ୍ମାନିତ ଅତିଥି ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଆସିକା ଘୁମୁସର ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ବରିଷ୍ଠ ନେତା ସାରଦା ପ୍ରସନ୍ନ ଶତପଥୀ ମଞ୍ଚାସୀନ ଅତିଥି ଥିଲେ। ସାଂସଦଙ୍କ ଆସିକା ପ୍ରତିନିଧି ଯଜ୍ଞନାରାୟଣ ଦାସ, କବିସୂର୍ଯ୍ୟନଗର ମଣ୍ଡଳ ସଭାପତି ଅଶୋକ କୁମାର ଜେନା, ସାଧାରଣ ସମ୍ପାଦକ ବିଶ୍ୱଜିତ ମହାପାତ୍ର, କବିସୂର୍ଯ୍ୟନଗର ଭାରତୀୟ ଜନତା ଯୁବମୋର୍ଚ୍ଚା ସଭାପତି ସୌମ୍ୟରଞ୍ଜନ ବିଷୋୟୀ, ଆସିକା ସାଂସଦ କବିସୂର୍ଯ୍ୟନଗର ଏନଏସି ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ପିତାମ୍ବର ସେଠୀ, ବିଜେପି ଯୁବନେତା ରାମପ୍ରସାଦ ମହାରଣା, ସଂଗଠକ ନବକିଶୋର ପ୍ରଧାନ, ଆସିକା ସାଂସଦ କବିସୂର୍ଯ୍ୟନଗର ବ୍ଲକ ପ୍ରତନିଧି ଜଗନ୍ନାଥ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ବିଜେପି ଦିଗପହଣ୍ଡି ବ୍ଲକ ଶାଖା ପକ୍ଷରୁ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ପାଳନ ହୋଇଯାଇଛି। ଦିଗପହଣ୍ଡି ବିଧାୟକ ଡ଼ଃ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ସାଂସଦ ଦିଗପହଣ୍ଡି ବ୍ଲକ ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରଚାରକ ତଥା କାର୍ଯ୍ୟକ୍ରମ ସଂଯୋଜକ ଶିବ ଶତପଥୀଙ୍କ ସମେତ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବହୁ ଦଳୀୟ କର୍ମୀ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱର୍ଗତ ବାଜପେୟୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ବାପି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କର୍ମକର୍ତ୍ତା ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ବିପ୍ରଚରଣ ସେଠୀ, ସନ୍ତୋଷ ଦୋରା, ଏମ୍ ସନ୍ତୋଷ, ଆଦିତ୍ୟ ସାହୁ, ସୀମାଞ୍ଚଳ ସାସମଲ, ଟୁନା ଚୌଧୁରୀ, ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବହୁ ଦଳୀୟ କର୍ମୀ ଏବଂ ମଣ୍ଡଳ ସଭାପତି ବୃନ୍ଦ ଉପସ୍ଥିତ ଥିଲେ।

# ଧାନ ସଂଗ୍ରହ ନେଇ ବ୍ଲକ୍‌ସ୍ତରୀୟ ବୈଠକ

**ଭଞ୍ଜନଗର,୨୫ ।୧୨(ସମିସ):** ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ସୋରଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଭୟ ସୋରଡା ଓ ବେଲଗୁଣ୍ଠା ବ୍ଲକର ସମସ୍ତ ସେବା ସମବାୟ ସମିତି ସମ୍ପାଦକ ଓ ଧାନ କ୍ରୟ ପାଇଁ ଚୁକ୍ତି କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ମିଲର ମାନଙ୍କୁ ନେଇ ବ୍ଲକ୍‌ସ୍ତରୀୟ ଧାନ ସଂଗ୍ରହ ବୈଠକ ସୋରଡା ବିଧାୟକ ନୀଳମଣି ବିଷୋୟୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଏଆରସିଏସ ଆସିକା ବିଜୟ କୁମାର ସାହୁ, ଏସିଏସଓ ଶୁଭ ରାଜ ସାମନ୍ତରାୟ, ଆରଏମସି ସମ୍ପାଦକ ସୁମନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଚଳିତ ବର୍ଷ ଧାନ ମଣ୍ଡି ଯେପରି ସୁରୁଖୁରୁରେ ଚାଲିବ ସେଥିନେଇ ବିଧାୟକ ନୀଳମଣି ବିଷୋୟୀ ଗୁରୁତ୍ୱାରୋପ କରିଥିବା ବେଳେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଜିଲ୍ଲା ପ୍ରଶାସନ ଜାରି କରିଥିବା ଗାଇଡ୍ ଲାଇନ୍ ମାନି ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଆରସିଏସ ବିଜୟ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶେଷରେ ଆରଏମସି ସଂପାଦକ ସୁମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସି ମାନ୍ୟତା ପରେ ଖୁସିର ଲହରୀ

**ଜଗନ୍ନାଥପ୍ରସାଦ,୨୫ ।୧୨(ସମିସ):** ରାଜ୍ୟ ସରକାର ଜଗନ୍ନାଥପ୍ରସାଦ ବ୍ଲକକୁ ଗତ ଅଗଷ୍ଟ ମାସ ୩୧ ତାରିଖରେ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିଲେ। ଇତିମଧ୍ୟରେ ଏନେଇ ଅନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପ୍ରଚେଷ୍ଟାରେ ଏଭଳି ଶୁଭ ଖବର ପ୍ରକାଶନ ପରେ ସ୍ଥାନୀୟ ଅଞ୍ଚଳବାସି ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

